## ଭୋଟର ସଂଖ୍ୟା ତୁଳନାରେ ଭୋଟ୍ ପଡ଼ିଲାନି

# ପ୍ରବାସୀ ଶ୍ରମିକଙ୍କୁ ଖୋଜିଲାନି ପ୍ରଶାସନ



**ନୂଆପଡା,୧୬।୫(ସମିସ):** ନୂଆପଡା ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୨୪ଶେଷ ହୋଇଛି। ପୂର୍ବ ବର୍ଷ ଅପେକ୍ଷା ଜିଲ୍ଲାରେ ମତଦାନ ହାର ବଢିଛି। ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହେବାକୁ ତଥା ମତଦାନ ହାର ବୃଦ୍ଧି କରିବାକୁ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ବିବିଧ ମାଧ୍ୟମରେ ସଚେତନତା କରାଯାଇଥିଲା। ଏହାର ପ୍ରଭାବରେ କିଛିଟା ବୃଦ୍ଧି ହୋଇଛି; ହେଲେ ଜିଲ୍ଲାରୁ ରାଜ୍ୟ ବାହାରକୁ ଯାଇଥିବା ହଜାର ହଜାର ସଂଖ୍ୟାର ଦାଦନ ଶ୍ରମିକଙ୍କ ଘର ବାହୁଡା ହୋଇପାରି ନ ଥିବାବେଳେ ଏମାନଙ୍କୁ ଏହି ମହାନ ପର୍ବରେ ସାମିଲ କରିବାକୁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିବା ହେତୁ ଲକ୍ଷାଧିକ ମତଦାତା ଏଥିରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାରେ ୨ଟି ନିର୍ବାଚନ ମଣ୍ଡଳୀ ନୂଆପଡା ଏବଂ ଖଡିଆଳରେ ୬୦୪ଟି ବୁଥ୍‌ରେ ୪ଲକ୍ଷ ୯୬ହଜାର ୩୧୧ଭୋଟର ରହିଛନ୍ତି। ଏଥର ଜିଲ୍ଲାରେ ମୋଟ ୩ଲକ୍ଷ ୭୯ହଜାର ୮୮୦ଜଣ ମତ ସାବ୍ୟସ୍ତ କରିଛନ୍ତି। ୧ଲକ୍ଷ ୧୬ହଜାର ୪୩୧ଜଣ ମତଦାନ କରିନାହାନ୍ତି। ୨୦୧୯ର ସାଧାରଣ ନିର୍ବାଚନକୁ ଦୃଷ୍ଟି ଦେଲେ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ନୂଆପଡାରେ ୭୨.୫ପ୍ରତିଶତ ମତଦାନ ହୋଇଥିଲା। ଖଡିଆଳରେ ୭୪.୧୮ ପ୍ରତିଶତ ମତଦାନ ହୋଇଥିଲା। ଏଥର ନୂଆପଡାରେ ୭୪.୭୬ପ୍ରତିଶତ ମତଦାନ ହୋଇଥିବାବେଳେ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୮.୨୫ପ୍ରତିଶତ ମତ ସାବ୍ୟସ୍ତ କରିଛନ୍ତି। ନୂଆପଡାରେ ୨.୨୬ ଏବଂ ଖଡିଆଳରେ ୪.୦୬ପ୍ରତିଶତ ମତଦାନ ହାରରେ ବୃଦ୍ଧି ଘଟିଛି; ହେଲେ ଏବେ ବି ୧ଲକ୍ଷ ୧୬ହଜାର ୪୩୧ଜଣ ମତଦାତା ଗଲେ କୁଆଡେ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି।

- **ପୂର୍ବ ବର୍ଷ ଅପେକ୍ଷା ଜିଲ୍ଲାରେ ମତଦାନ ହାର ବଢ଼ିଛି**
- **ଏଥର ୧ଲକ୍ଷ ୧୬ ହଜାର ୪୩୧ ଭୋଟ୍ ପଡ଼ିନି**

ନୂଆପଡା ଜିଲ୍ଲାରୁ ପ୍ରତିବର୍ଷ ରାଜ୍ୟ ବାହାରକୁ ୨୦/୨୫ହଜାର ପରିବାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ବର୍ଷର ଅକ୍ଟୋବର ମାସରେ ଜିଲ୍ଲା ଛାଡି ପୁଣିଥରେ ଜୁନ ମାସରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏଥର ମଧ୍ୟ ନିର୍ବାଚନ ଖବର ଶ୍ରମିକମାନଙ୍କ ନିକଟରେ ପହଞ୍ଚିଥିଲେ ମଧ୍ୟ ସେଠାରେ ଶ୍ରମିକ ଦଲାଲ ଏବଂ ଇଟାଭାଟି ମାଲିକମାନେ ଛାଡି ନ ଥିଲେ। ଏଭଳି ଏକ ଖବର ନିର୍ବାଚନ ପୂର୍ବରୁ ଆସିଥିଲା। ନୂଆପଡା ଏବଂ ବଲାଙ୍ଗୀର ଜିଲ୍ଲାର ଶତାଧିକ ଶ୍ରମିକ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟି ମାଲିକଙ୍କ ନିକଟରେ ବନ୍ଧା ପଡିଥିଲେ। ମତଦାନ କରିବାକୁ ଓଡ଼ିଶା ଆସିବାକୁ ଆଉଟୁ ପାଉଟୁ ହୋଇଥିଲେ ମଧ୍ୟ ମାଲିକ ଛାଡି ନ ଥିବା ଅଭିଯୋଗ ହୋଇଥିଲା। ଶ୍ରମିକମାନେ ଏହାକୁ ନେଇ ଏକ ଭିଡିଓ ବାର୍ତ୍ତା ମଧ୍ୟ ଜିଲ୍ଲାକୁ ପଠାଇଥିଲେ। ଶ୍ରମିକମାନେ ନିର୍ଯାତନାର ଶିକାର ହେବା ସହ ମତଦାନରୁ ବଞ୍ଚିତ ହେବାର ଆଶଙ୍କା ଥିବା ନିର୍ବାଚନ ପୂର୍ବରୁ ଖବର ପ୍ରକାଶିତ ହୋଇଥିଲା; ହେଲେ ପ୍ରଶାସନ ତାକୁ ହାଲୁକା ଭାବେ ଗ୍ରହଣ କରିଥିଲା। ଉଦ୍ଧାର ପାଇଁ କୌଣସି ପ୍ରକାର ପଦକ୍ଷେପ ନିଆଗଲା ନାହିଁ। ଏହିଭଳି ହଜାର ହଜାର ଶ୍ରମିକଙ୍କ ଇଚ୍ଛାସତ୍ତ୍ୱେ ଦାଦନ ସର୍ଦ୍ଦାରଙ୍କ ନାଲିଆଖି ତଳେ ଚାପି ହୋଇ ମତଦାନ ଭଳି ମୁଖ୍ୟ ପର୍ବରେ ସାମିଲ ହେବାକୁ ଆସି ନ ପାରି ବଞ୍ଚିତ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷେ ଜିଲ୍ଲାର ବହୁ ଦୁର୍ଗମ ଅନଚଳରୁ ଲୋକେ ପ୍ରବଳ ଖରା ଯୋଗୁଁ ମତଦାନ କେନ୍ଦ୍ରକୁ ଆସିପାରି ନ ଥିବା ଦେଖାଯାଇଥିଲା। ତେଣୁ ବଞ୍ଚିତ ହୋଇଥିବା ମତଦାତାମାନଙ୍କ ସର୍ଭେ କରାଯିବା ଆବଶ୍ୟକ। ଏହାକୁ ଗମ୍ଭୀରତାର ସହ ବିଚାରକୁ ନେବାକୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କୁ ଏ ସମ୍ପର୍କରେ ମତାମତ ନେବାରୁ ସେ କହିଛନ୍ତି ଯେ, ବାହାର ରାଜ୍ୟକୁ ଯାଇଥିବା ଶ୍ରମିକଙ୍କୁ ଆଣି ଭୋଟ୍ ଦେବାର ବ୍ୟବସ୍ଥା କରିବାକୁ ଲାଇସେନ୍ସପ୍ରାପ୍ତ ଠିକାଦାରମାନଙ୍କୁ ନିର୍ବାଚନ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା; ହେଲେ କେତେ ଶ୍ରମିକ ଆସିଲେ ଓ ଭୋଟ୍ ଦେଲେ ସେସବୁ ତଥ୍ୟ ଶ୍ରମ ପାଖକୁ ଆସିଲା ନାହିଁ। ଏହା ଉପରେ ନଜର ରହିଛୁ ବୋଲି ସେ କହିଛନ୍ତି।

## ବଲାଙ୍ଗିର ଜିଲ୍ଲାରେ ପୋଷ୍ଟାଲ ଭୋଟ ଆରମ୍ଭ

**ବଲାଙ୍ଗିର,୧୬।୫(ସମିସ):** ଜିଲ୍ଲାରେ ଆରମ୍ଭ ହୋଇଛି ପୋଷ୍ଟାଲ ବାଲଟ ଭୋଟିଂ। ନିର୍ବାଚନ ସମୟରେ ଜରୁରୀ ସେବାରେ ନିୟୋଜିତ ବିଭିନ୍ନ ବର୍ଗର କର୍ମଚାରୀ ପୋଷ୍ଟାଲ ବାଲଟରେ ଭୋଟ ଦେଉଛନ୍ତି। ଗଣମାଧ୍ୟମ, ଅଗ୍ନିସେବା, ପରିବହନ, ବିଦ୍ୟୁତ ସେବାରେ ନିୟୋଜିତ କର୍ମଚାରୀମାନେ ଆସନ୍ତା ୧୭ ତାରିଖ ଯାଏ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରିପାରିବେ। ଏଥିନିମନ୍ତେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ବଲାଙ୍ଗିରର ସମସ୍ତ ପାର୍ଥୀଙ୍କ ପାଇଁ ପୋଷ୍ଟାଲ ଭୋଟିଂ ସେଣ୍ଟର୍ (ପିଭିସି) ଗୃହରେ ମତଦାନ କରାଯାଉଛି। ଲୋଇଶିଙ୍ଘା, କଣ୍ଟାବାଞ୍ଜି ନିମନ୍ତେ ରିଟର୍ଣ୍ଣିଂ ଅଧିକାରୀଙ୍କ ଅଫିସ ଗୃହ ଏବଂ ପାଟଣାଗଡ଼, ବଲାଙ୍ଗିର, ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମତଦାନ ସୁବିଧା ହେଇଛି। ସେହିପରି ଭିନ୍ନକ୍ଷମ ଓ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ ହୋମ ଭୋଟିଂ ମାଧ୍ୟମରେ ଘରେ ଘରେ ମତଦାନ ବ୍ୟବସ୍ଥା କରାଇଛି ପ୍ରଶାସନ। ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବର୍ଗରେ ୨୧୬ ଜଣ ଏବଂ ୪୭୨ ଜଣ ଭିନ୍ନକ୍ଷମ ହୋମ ଭୋଟିଂ ପାଇଁ ଆବେଦନ କରିଥିଲେ। ବିଭିନ୍ନ ଟିମରେ ଘରକୁ ଘର ଯାଇ ପ୍ରଶାସନ ତରଫରୁ ମତଦାନ ସଂଗ୍ରହ କରାଯାଉଛି।

## ଡିସପର୍ସାଲ ଏବଂ ରିସିଭିଙ୍ଗ ସେଣ୍ଟରରେ ଯୋଗ ଦେବାପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବଲାଙ୍ଗିର,୧୬।୫(ସମିସ):** ବଲାଙ୍ଗିର ଜିଲ୍ଲାରେ ସମକାଳୀନ ସାଧାରଣ ନିର୍ବାଚନ ପାଇଁ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ବିଭାଗ ୧୬୦ ଅନୁସାରେ ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଈଶାଲଓ୍ୱାର ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତି ଦେଇଛନ୍ତି। ଆସନ୍ତା ମେ'୨୦ରେ ଜିଲ୍ଲାରେ ଭୋଟ ଗ୍ରହଣ ହେଉଥିବାରୁ ନିର୍ବାଚନ ସମ୍ପାଦନା କରିବା ପାଇଁ କର୍ମଚାରୀଙ୍କୁ ଆସନ୍ତା ୧୯ ତାରିଖରେ ଡିସପର୍ସାଲ ଏବଂ ରିସିଭିଙ୍ଗ ସେଣ୍ଟରରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋଇସିଂଘା ଏବଂ ବଲାଙ୍ଗିର କ୍ଷେତ୍ର ପାଇଁ ବଲାଙ୍ଗିର ସରକାରୀ ଆଇଟିଆଇର ସ୍କିଲ ଡେଭଲପମେଣ୍ଟ ସେଣ୍ଟର, ପାଟଣାଗଡ଼ ନିମନ୍ତେ ଜବାହାରଲାଲ କଲେଜ ଏବଂ ଟିଟିଲାଗଡ଼ ପାଇଁ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇଡିପି ଏକାଡେମିକ ବ୍ଲକ ଓ କଣ୍ଟାବାଞ୍ଜି ପାଇଁ ପୁରୁଣା ଏକାଡେମିକ ବ୍ଲକକୁ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ମେ'୧୯ ଦିନ ସକାଳ ୬ ଟାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି କର୍ମଚାରୀ ଏହି ଆଦେଶ ପାଳନ ନକରି ନିର୍ବାଚନ କାର୍ଯ୍ୟରେ ଅବହେଳା କରନ୍ତି ବା ଯୋଗ ନ ଦିଅନ୍ତି ତା ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ଈଶାଲଓ୍ୱାର ପ୍ରକାଶ କରିଛନ୍ତି।

## ଏସ୍ଏସ୍ ମେଡାକ୍ସ ହସ୍ପିଟାଲରେ ନୂଆ ଆଇସିୟୁ ଉଦ୍‌ଘାଟିତ

**ଭବାନୀପାଟଣା,୧୬।୫(ସମିସ):** ଭବାନୀପାଟଣା ଏସ୍ଏସ୍ ମେଡାକ୍ସ ହସ୍ପିଟାଲରେ ନୂତନ ଆଇସିୟୁ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲ୍ଲା ଭାରପ୍ରାପ୍ତ ସିଡିଏମ୍ଓ ଡା. ନିହାରେନ୍ଦ୍ର ପଣ୍ଡା, ପୂର୍ବତନ ଏଡିଏମ୍ଓ ଡା. ଜଳନ୍ଧର ମେହେର, ମେଡାକ୍ସ ହସ୍ପିଟାଲର ନିର୍ଦ୍ଦେଶକ ଡା. ପ୍ରଦୀପ ପାଣିଗ୍ରାହୀ, ସହ ନିର୍ଦ୍ଦେଶିକା ମନୀଷା ଆଚାର୍ଯ୍ୟ, ଆଇନଜୀବୀ ରମାକାନ୍ତ ଆଚାର୍ଯ୍ୟ, ଆଇସିୟୁ ବିଶେଷଜ୍ଞ ଡା. ମନ୍ମଥ ଦାସ, ଶ୍ୱାସରୋଗ ବିଶେଷଜ୍ଞ ଡା. ଓମ୍ ପଦାରବିନ୍ଦ ଦାସ ଓ ଡା. ସଂଜୀବ ପଣ୍ଡା ଅତିଥି ଭାବେ ଯୋଗ ଦେଇ ମୋଡ୍ୟୁଲାର ଆଇସିୟୁର ଉଦ୍‌ଘାଟନ କରିଥିଲେ। ଏହା ଫଳରେ କଳାହାଣ୍ଡି ଜିଲ୍ଲା ସମେତ ବଲାଙ୍ଗୀରଠାରୁ ନବରଙ୍ଗପୁର ଓ ନୂଆପଡ଼ାରୁ ବୌଦ୍ଧ ଜିଲ୍ଲା ପର୍ଯ୍ୟନ୍ତ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପାଦେୟ ହେବ ବୋଲି ସୂଚନା ମିଳିଛି। ଭବାନୀପାଟଣା ସହରରେ ବହୁ ନର୍ସିଂହୋମ ଓ ହସ୍ପିଟାଲ ଥିଲେ ମଧ୍ୟ ଘରୋଇ ଭାବେ ଆଇସିୟୁ ବ୍ୟବସ୍ଥା ନ ଥିବା ଯୋଗୁଁ ଚିକିତ୍ସା ସୁବିଧା ପାଇପାରୁ ନ ଥିଲେ । ତେଣୁ ଡା. ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହା ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ସହାୟକ ହେବ ବୋଲି କୁହାଯାଉଛି।

## ରାସ୍ତାକଡ଼ ଟ୍ରାନ୍ସଫର୍ମର ମୁକୁଳା

**ଗାଈଗାଁ,୧୬।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଗାଈଗାଁ ପଞ୍ଚାୟତ ଅଧୀନ ଖମାରି ଗ୍ରାମରେ ରାସ୍ତା କଡରେ ଏକ ଟ୍ରାନ୍ସଫର୍ମର ମୁକୁଳା ରହିଛି। ଏଥିପ୍ରତି ବିଦ୍ୟୁତ ବିଭାଗର ନଜର ନାହିଁ। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସ୍କୁଲ ଛାତ୍ରଛାତ୍ରୀ, ଗୃହ ପାଳିତ ପଶୁ ଓ ଜନସାଧାରଣ ଯିବାଆସିବା କରୁଛନ୍ତି। ଏଣୁ କୌଣସି ସମୟରେ ଅଘଟଣ ଆଶଙ୍କା ରହିଛି। ଏ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।



## ଦୁର୍ଘଟଣାରେ ଜଣେ ମୃତ, ୫ ଗୁରୁତର

- **ସ୍ଥାନୀୟ ଲୋକଙ୍କ ରାସ୍ତାରୋକ**

**ଚାରବାହାଲ/ଜୁନାଗଡ଼,୧୬।୫(ସମିସ):** ଜୁନାଗଡ଼ ଥାନା ଅଧୀନ ତଥା ଜାତୀୟ ରାଜପଥ ୨୬ର ମହିଚଲାଠାରେ ଏକ କାର ଧକ୍କାରେ ଜଣେ ପ୍ରାଣ ହରାଇଛନ୍ତି। ଘଟାଇଥିବା ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଶବ ଥୋଇ ରାସ୍ତାରୋକ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏକ ଚାରିଚକିଆ ଗାଡ଼ି ଜୁନାଗଡ଼ ଆଡୁ ଚାରବାହାଲ ଆଡ଼କୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ବସିଥିବା ୬ ଜଣ ଲୋକଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି।



ମୃତକ ଜଣଙ୍କ ହେଲେ କୋକସରା ଥାନା ଅନ୍ତର୍ଗତ ଜଳତାମୁଣ୍ଡା ଗ୍ରାମର ଲୟ ମୁଣ୍ଡା (୩୫) ବୋଲି ଜଣାପଡ଼ିଛି। ଅନ୍ୟ ୫ ଜଣ ଗୁରୁତର ହୋଇଛନ୍ତି। ଲୟ ଶଶୁର ଘର ମହିଚଲାକୁ ଆସିଥିଲେ। ଦୁର୍ଘଟଣା ଗୁରୁତରମାନଙ୍କୁ ଜୁନାଗଡ଼ ଡ଼ାକ୍ତରଖାନା ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ମୁଖିଗୁଡ଼ା ଗ୍ରାମର ପ୍ରଦ୍ୟୁମ୍ନ ମହାନ୍ତି, ତାଙ୍କ ବାପା ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ଥାନାକୁ ନେଇ ତଦନ୍ତ କରୁଛି।

## କଳିକେଶଙ୍କ ପାଇଁ ପ୍ରଚାରରେ ସ୍ତ୍ରୀ ମେଘନା ଓ ଭାଇ ମନ୍ମଥ

**ବଲାଙ୍ଗିର,୧୬।୫(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଓ ବିକାଶ ମୂଳକ କାର୍ଯ୍ୟ ଏବଂ କଳିକେଶଙ୍କ ଲୋକପ୍ରିୟତା ଓ କାର୍ଯ୍ୟଦକ୍ଷତା ନିର୍ବାଚନରେ ସଫଳତା ପ୍ରଦାନ କରିବ ବୋଲି ବିଶ୍ୱାସ ରଖିଛନ୍ତି ଶ୍ରୀମତୀ ମେଘନା ସିଂହଦେଓ। ତେବେ ଶ୍ରୀମତୀ ସିଂହଦେଓ ବିଜେଡି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଏବଂ ତାଙ୍କ ସ୍ୱାମୀ ବିଧାୟକ ପ୍ରାର୍ଥୀ କଳିକେଶଙ୍କ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କଠାରେ ଭୋଟ ଦେଇ ଜିତେଇବା ପାଇଁ ନିବେଦନ କରିଥିଲେ। ବିଧାୟକ ପାର୍ଥୀ କଳିକେଶ ନାରାୟଣ ସିଂହଦେଓ ୱାର୍ଡ ନମ୍ବର ୧୧ ଜଗନ୍ନାଥ ପଡ଼ା ଓ ୧୨ ନମ୍ବର ୱାଡର୍ ରାଧାରାଣୀ ପଡ଼ା ମିଳିତରେ ବିଜେଡିର ଜନସମ୍ପର୍କ ସାଧାରଣସଭାରେ ବିଧାୟକ ପାର୍ଥୀ କଳିକେଶ ନାରାୟଣ ସିଂହଦେଓଙ୍କ ସହଧର୍ମିଣୀ ମେଘନା ସିଂହଦେଓ, ପୌରାଧକ୍ଷା ଲିକା ସାହୁ, କାଉନସିଲର କିଶୋର କୁମ୍ଭାର, ଲିପିଶ୍ରି ସାଏ, ଗୌରୀ ସାହୁ, ବିଧୁ ଭୂଷଣ ତ୍ରିପାଠୀ ପ୍ରମୁଖ ଅଭିଭାଷଣ ଦେଇଥିଲେ। କଳିକେଶ ସିଂହଦେଓ ଓ ସୁରେନ୍ଦ୍ର ସିଂ ଭୋଇଙ୍କୁ ଦୁଇଟି ଶଙ୍ଖରେ ଭୋଟ ଦେଇ ବିପୁଳ ମାତ୍ରାରେ ବିଜୟୀ କରିବା ପାଇଁ ବିଜେଡି ନେତାମାନେ ୱାର୍ଡ ବାସିନ୍ଦାଙ୍କୁ ନିବେଦନ କରିଥିଲେ। ଏହି ଅବସରରେ କଳିକେଶ ଉପସ୍ଥିତ ଜନସାଧାରଣଙ୍କ ଠାରୁ ଭୋଟ ଆଶୀର୍ବାଦ ଲୋଡ଼ିଥିଲେ। ବଲାଙ୍ଗିରର ବିଭିନ୍ନ ୱାର୍ଡର ସମସ୍ୟାକୁ ସମାଧାନ କରାଯାଇଛି। ପୌର ପରିଷଦ ତରଫରୁ ୱାର୍ଡ ୧୧ ଓ ୧୩ରେ ବସ୍ତିବାସିନ୍ଦାଙ୍କ ଯାହା ସମସ୍ୟା ରହିଥିଲା ତାକୁ ପୂରଣ କରାଯାଇଛି। ଆଉ ଯାହା ରହିଯାଇଛି ତାକୁ ନିର୍ବାଚନ ପରେ ଯଥା ଶୀଘ୍ର କରାଯିବ। ଏହି ଅବସରରେ ଶହଶହ ମାତ୍ରାରେ ୱାଡର୍ର ବାସିନ୍ଦା, ବୁଦ୍ଧିଜୀବୀ ମହିଳା ଓ ଯୁବକ ଯୋଗ ଦେଇଥିଲେ।



## ମାରଓ୍ୱାଡ଼ି ଯୁବା ମଞ୍ଚ ଓ ଏସ୍‌ବିଆଇ ପକ୍ଷରୁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା




**କେସିଙ୍ଗା,୧୬।୫(ସମିସ):** ଚଳିତ ବର୍ଷର ଭୀଷଣ ତାତିକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା କେସିଙ୍ଗା ମାରଓ୍ୱାଡ଼ି ଯୁବ ମଞ୍ଚ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ କେସିଙ୍ଗା ମୁଖ୍ୟ ଶାଖାର ମିଳିତ ସହଯୋଗରେ ବ୍ୟାଙ୍କ ପରିସରରେ ଏକ ସ୍ଥାୟୀ ଅମୃତ ଧାରାର ଶୁଭାରମ୍ଭ ହୋଇଯାଇଛି। କେସିଙ୍ଗା ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକ ରୋହିତ ମହାନନ୍ଦ, ଅଗ୍ରଓ୍ୱାଲ ସଭାର ସଭାପତି ଲଚ୍ଛେରାମ ଅଗ୍ରଓ୍ୱାଲ, ଉତ୍କଳ ପ୍ରାନ୍ତୀୟ ମାରଓ୍ୱାଡ଼ି ସମ୍ମେଳନର ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ଅଗ୍ରଓ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟେଟବ୍ୟାଙ୍କର ସମସ୍ତ କର୍ମଚାରୀ, ମାରଓ୍ୱାଡ଼ି ଯୁବାମଞ୍ଚର ସଦସ୍ୟ ଓ ପଦାଧିକାରୀ ଅମିତ ଗୋୟଲ, କୁଲଦୀପ ଅଗ୍ରଓ୍ୱାଲ, ସୁରେଶ ଗୋୟଲ, ଅରୁଣ ଅଗ୍ରଓ୍ୱାଲ, ଶୁଦ୍ଧି ଜୈନ, ଅମୃତ ଧାରାର କନଭେନର ସିଦ୍ଧାର୍ଥ ଅଗ୍ରଓ୍ୱାଲ, ଅଙ୍କିତ ଗୁପ୍ତା, ବିବେକ ଜୈନ, ରୁପେଶ ଜୈନ, ଆଲୋକ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ। ମାରଓ୍ୱାଡ଼ି ଯୁବାମଞ୍ଚର ଏହି ଅମୃତ ଧାରା କାର୍ଯ୍ୟକ୍ରମକୁ ସହରର ଜନସାଧାରଣ ଭୂରିଭୂରି ପ୍ରଶଂସା କରୁଥିବା ବେଳେ ଆଗାମୀ ଦିନରେ ମାରଓ୍ୱାଡ଼ି ଯୁବା ମଞ୍ଚ ପକ୍ଷରୁ ସହରର ଅନେକ ସ୍ଥାନରେ ଅମୃତ ଧାରା ଶୁଭାରମ୍ଭ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ଓଲଟିଲା କୁଣ୍ଡା ବୋଝେଇ ଟ୍ରାକ୍ଟର

**କୋକସରା,୧୬।୫(ସମିସ):** କୋକସରା ବ୍ଲକ୍ ବଙ୍ଗୋମୁଣ୍ଡା-ଟେମରା ରାସ୍ତାର ହଂସପଡା ବୁଲାଣି ନିକଟରେ ଗୁରୁବାର ଏକ କୁଣ୍ଡା ବୋଝେଇ ଟ୍ରାକ୍ଟର ଓଲଟି ପଡିଛି। ତେବେ ଦୁର୍ଘଟଣାରେ କାହାରି କ୍ଷତି ହୋଇନି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗତ କିଛି ମାସ ତଳେ ନିର୍ମାଣ କରାଯାଇଛି; ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏକାଧିକ ସ୍ଥାନରେ ରାସ୍ତା ଦବି ଖାଲଖମା ସୃଷ୍ଟି ହୋଇଛି। ବିଶେଷ କରି ହଂସପଡା ନିକଟରେ ବଡ଼ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏଣୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଲୋକେ ପ୍ରକାଶ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

## ନିର୍ଣ୍ଣାୟକ ଭୂମିକାରେ ମହିଳା ଭୋଟର

**ଧର୍ମଗଡ଼,୧୬।୫(ସମିସ):** ଧର୍ମଗଡ ନିର୍ବାଚନମଣ୍ଡଳୀ ପାଇଁ ମତଦାନ ଶେଷ ହୋଇଛି। ଏଥର ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଭୋଟ ବିଶେଷ ଭାବେ ଗୁରୁତ୍ୱ ରହିଛି। ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଭୋଟର ଥିବା ବେଳେ ୨,୦୮,୪୩୧ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରୁ ମହିଳା ଭୋଟରଙ୍କ ସଂଖ୍ୟା ୧,୦୬,୫୬୫ ଅଟେ। ମହିଳା ଭୋଟରଙ୍କ ସଂଖ୍ୟା ପୁରୁଷ ଭୋଟର ଅପେକ୍ଷା ଅଧିକ ରହିଛି। ବୁଦ୍ଧିଜୀବୀଙ୍କ କହିବାନୁଯାୟୀ ମହିଳାମାନଙ୍କ ଭୋଟ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଧର୍ମଗଡ ନିର୍ବାଚନମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟ ସୋମବାର ଭୋଟ ଗ୍ରହଣ କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ୭୮ ପ୍ରତିଶତ ମତଦାନ ହୋଇଥିବା ବେଳେ ମହିଳାଙ୍କ ସଂଖ୍ୟା ଅଧିକ। ବିଜେଡି ସରକାର ମହିଳା ସଶକ୍ତିକରଣ ଦିଗରେ ଅନେକ ପଦକ୍ଷେପ ନେଇଥିବା ବେଳେ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗାଁ ଗାଁରେ ଏସଏସଜି ମାଧ୍ୟମରେ ଅନେକ ଉନ୍ନତିମୂଳକ କାମ କରି ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ସମାଜରେ ପ୍ରତିଷ୍ଠିତ ହେବାକୁ ଉଦ୍ୟମ ଜାରି ରଖିଛି। ଯାହା ଫଳରେ ମହିଳା ଭୋଟର ବିଜେଡି ସପକ୍ଷରେ ଭୋଟ ଦେଇଥିବା ଅନୁମାନ କରାଯାଏ।

**ଧର୍ମଗଡ ନିର୍ବାଚନମଣ୍ଡଳୀ**

## ହତ୍ୟା ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**ଭବାନୀପାଟଣା,୧୬।୫(ସମିସ):** ସ୍ଥାନୀୟ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଦୀପ୍ତି ରଞ୍ଜନ କାନୁନଗୋ ଗୁରୁବାର ଏକ ହତ୍ୟା ମକଦ୍ଦମାର ବିଚାର କରି ରାୟ ଶୁଣାଇଛନ୍ତି। କେସିଙ୍ଗା ଥାନା ଠେମରା ଗ୍ରାମର ଅଭିଯୁକ୍ତ ହତ୍ୟାକାରୀ ପାର୍ଥ କରୁଆଁକୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ତାକୁ ୧୦ ବର୍ଷ ଜେଲ୍ ସହ ୨୦ ହଜାର ଟଙ୍କା ଜରିମାନା ହୋଇଛି। ୨୦୧୪ ଅକ୍ଟୋବର ୧୬ରେ ଗାଁର ଗୌତମ ମାଝୀଙ୍କୁ ସେ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲା। ଏହି ଘଟଣାରେ ଗୌତମଙ୍କ ସ୍ତ୍ରୀ ଗୋମତୀ ମାଝୀ କେସିଙ୍ଗା ଥାନାରେ ଏକ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି କେସିଙ୍ଗା ପୁଲିସ୍ ପାର୍ଥକୁ ୩୦୨ ଦଫାରେ ଗିରଫ କରିଥିଲା। ଶେଷରେ ଏହି ମାମଲାର ବିଚାର ହୋଇଛି। ସ୍ୱତନ୍ତ୍ର ପିପି ଜିତେନ୍ଦ୍ର ମହାନ୍ତି ଏମହି ମାମଲାର ପରିଚାଳନା କରିଥିଲେ।

- **ବିରଞ୍ଚି ହତ୍ୟା ମାମଲା**

## ଶେଷ ପର୍ଯ୍ୟାୟରେ ପୁଲିସର ତଦନ୍ତ

**କେସିଙ୍ଗା,୧୬।୫(ସମିସ):** ଗତ ୧୩ ତାରିଖ ଭୋଟଗ୍ରହଣ ଦିନ ପରଲସିଙ୍ଗା ଗ୍ରାମ ପଞ୍ଚାୟତର ରେହେନପଡ଼ାର ବିରଞ୍ଚି ନାଏକ(୩୫)ଙ୍କ ଶବ ଉଦ୍ଧାର ମାମଲା ହତ୍ୟାକାଣ୍ଡର ରୂପ ନେଇଛି। ମୃତ ବିରଞ୍ଚିଙ୍କ ପତ୍ନୀ ଲିଲି ନାଏକଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି। କେସିଙ୍ଗା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କ ନେତୃତ୍ୱରେ ଏହାର ତଦନ୍ତ କରାଯାଇ ବର୍ତ୍ତମାନ ସୁଦ୍ଧା ୩ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି। ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ଆରମ୍ଭ



- **ପର୍ଲା ହରିଜନ ପଡ଼ା ଜଳ ସଙ୍କଟ**

**ଧର୍ମଗଡ଼,୧୬।୫(ସମିସ):** ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ସ୍ଥାନରେ ଜଳସଙ୍କଟ ଦେଖାଦେଇଛି। ଧର୍ମଗଡ ବ୍ଲକ ପର୍ଲା ହରିଜନ ପଡାଠାରେ ଦୀର୍ଘଦିନରୁ ପାନୀୟଜଳ ସମସ୍ୟା ଉପୁଜିଛି। ଲୋକେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଉ ନ ଥିବା ନେଇ ଅନେକ ଦିନରୁ ଅଭିଯୋଗ ହୋଇଆସୁଛି। ଗତ କିଛିଦିନ ତଳେ ଏହାର ସ୍ଥାୟୀ ସମାଧାନ ନେଇ ଧର୍ମଗଡ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କ ନିକଟରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକଙ୍କ ନେତୃତ୍ୱରେ ପଡାବାସୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଧିକାରୀ ଜଣକ ଗୁରୁତ୍ୱର ସହ ବିଚାରକୁ ନେଇ ଯୁଦ୍ଧକାଳୀନ ଭିତ୍ତିରେ ଜଳ ଯୋଗାଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅଭିଯୋଗର ଦୁଇ ଦିନ ପରେ ଅଧିକାରୀଙ୍କ ନିର୍ଦ୍ଦେଶରେ ବୋରିଂ ଖୋଳା ଯାଇଥିବା ବେଳେ ବର୍ତ୍ତମାନ ପାଇପ ସଂଯୋଗ କାର୍ଯ୍ୟ ନିମନ୍ତେ ଜେସିବି ମାଧ୍ୟମରେ ମାଟିଖୋଳା ଆରମ୍ଭ ହୋଇଛି। ସୂଚନା ଅନୁସାରେ ମାଟିଖୋଳା ଯାଇ ଆସନ୍ତା ୨ଦିନ ଭିତରେ ପାଇପ ପୋତାଯାଇ ଜଳ ଯୋଗାଣ କରିବାକୁ ବିଭାଗ ତତ୍ପରତା ଦେଖାଇଛି। ଯାହାକୁ ନେଇ ପଡାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଖୁବଶୀଘ୍ର ହରିଜନ ପଡ଼ାବାସୀ ବିଶୁଦ୍ଧ ଜଳ ପାଇବାରେ ସକ୍ଷମ ହେବେ। ସରପଞ୍ଚ ଶ୍ରୀ ନାଏକଙ୍କ ପ୍ରଚେଷ୍ଟା ଯୋଗୁ ପଡ଼ାବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ମହେଶ୍ୱର ମାଣ୍ଡୋଇ
ଆବିର୍ଭାବ: ୨୫.୦୫.୧୯୩୭
ତିରୋଧାନ: ୦୭.୦୫.୨୦୨୪
କାଠଖୁଣ୍ଟିଆ, ବେଗୁନିଆ, ଖୋର୍ଦ୍ଧା

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର: କୈଳାସ, ବଳରାମ, ଭରତ, ଶତ୍ରୁଘ୍ନ ଓ ଲକ୍ଷ୍ମୀଧର, ଝିଅ: ଶାନ୍ତିଲତା ଓ ଶୈଳବାଳା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ

# ବଲାଙ୍ଗିରରେ ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ





**ବଲାଙ୍ଗିର, ୧୬।୫(ସମିସ)**

ବଲାଙ୍ଗିର ଜିଲ୍ଲାରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ମାରାଥନ ପ୍ରଚାର କରିଛନ୍ତି। ଜିଲ୍ଲାର ଚାରୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଲୋଇସିଂହା, ଟିଟିଲାଗଡ଼, ପାଟଣାଗଡ଼ ଓ କଣ୍ଟାବାଞ୍ଜିରେ ଜନସଭା କରି ପ୍ରାର୍ଥୀମାନଙ୍କ ପାଇଁ ଭୋଟଭିକ୍ଷା କରିଛନ୍ତି ଶ୍ରୀ ପାଣ୍ଡିଆନ। ସେହିପରି ସେ ତାଙ୍କର ଏହି ଦିନିକିଆ ଗସ୍ତରେ ଆସି ନିର୍ବାଚନୀ ସଭା କରିବା ସହ ହରିଶଙ୍କର ଯାଇ ସେଠାରେ ବାବା ହରିଶଙ୍କରଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ଏହି ନିର୍ବାଚନୀ କାର୍ଯ୍ୟକ୍ରମ ପରେ ବଲାଙ୍ଗିର ଜିଲ୍ଲାରେ ବିଜେଡି ଆହୁରି ସଶକ୍ତ ଓ ସୁଦୃଢ଼ ହୋଇଥିବା ଆଲୋଚନା ହେଉଛି। ଯାହାର ସିଧାସଳଖ ପ୍ରଭାବ ଆସନ୍ତା ୨୦ ତାରିଖରେ ପଡ଼ିବ ବୋଲି ଚର୍ଚ୍ଚା ହେଉଛି।

## ■ ଯୋଡ଼ିଶଙ୍ଖ ଓ ନବୀନ....ନବୀନ....

ବଲାଙ୍ଗିର ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମସ୍ଥଳରେ ଶଙ୍ଖ ଚିହ୍ନ ଜିନ୍ଦାବାଦ, ନବୀନ.... ନବୀନ... ଗୀତରେ ସଭାସ୍ଥଳ ଉଠିଥିଲା ପଡ଼ିଥିଲା। ଯୁଆଡ଼େ ଦେଖିଲେ କେବଳ ସେହି ଗୋଟିଏ ସ୍ୱର ଶୁଭୁଥିଲା। ଏଥିରୁ ବିଜେଡି ପ୍ରତି ଲୋକଙ୍କ ରହିଥିବା ସମର୍ଥନ ସ୍ପଷ୍ଟ ବାରି ହୋଇପଡୁଥିଲା।

## ■ ଛୋଟ ପଡ଼ିଲା ସଭାସ୍ଥଳ

ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଇଁନ୍ତଲାପଡ଼ିଆରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ଜନସଭା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଜନସଭାସ୍ଥଳରେ ଶ୍ରୀ ପାଣ୍ଡିଆନଙ୍କୁ ଦେଖିବା ପାଇଁ ବହୁ ଭିଡ଼ ଦେଖିବାକୁ ମିଳିଥିଲା। ଲୋକଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ ସଭାସ୍ଥଳ ମଧ ଛୋଟ ପଡ଼ିଥିଲା। ଟେଣ୍ଟ ପାର୍ଶ୍ୱରେ ଛିଡ଼ା ହୋଇ ଲୋକେ ବିଜେଡିର ତାରକା ପ୍ରଚାରକ ଶ୍ରୀ ପାଣ୍ଡିଆନଙ୍କ ଅଭିଭାଷଣକୁ ଶୁଣୁଥିଲେ।

## ■ ପାଣ୍ଡିଆନଙ୍କ ସହ ଫଟୋ କ୍ରେଜ୍

ନିର୍ବାଚନୀ ସଭା କାର୍ଯ୍ୟକ୍ରମରେ ଯୋଗଦେବାକୁ ଗଇଁନ୍ତଲାରେ ପହଞ୍ଚିଥିଲେ ବିଜେଡିର ତାରକା ପ୍ରଚାରକ ଶ୍ରୀ ପାଣ୍ଡିଆନ। ତାଙ୍କ ପ୍ରତି ଲୋକଙ୍କ ସମର୍ଥନ କେଉଁ ପରିମାଣରେ ରହିଛି ତାହା ସ୍ପଷ୍ଟ ହୋଇଛି। ତାଙ୍କ ସହ ଅନେକ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ଏପରିକି ଶ୍ରୀ ପାଣ୍ଡିଆନ ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କ ଝିଅ ନାୟାରାଙ୍କ ସହ ମଧ ଫଟୋ ଉଠାଇଥିଲେ।

## ■ ମଞ୍ଚ ଉପରେ ମୁଣ୍ଡିଆ ମାରିଲେ ନିହାର

ଗଇଁନ୍ତଲା ନିର୍ବାଚନୀ ଜନସଭାରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କୁ ଦେଖିବା ପାଇଁ ଲୋକଙ୍କ ଭରପୁର ଭିଡ଼ ଜମିଥିଲା। ଲୋଇସିଂହା ବିଧାନସଭା ପ୍ରାର୍ଥୀ ନିହାର ରଞ୍ଜନ ବେହେରା। ସେ ନିଜ ଅଭିଭାଷଣ ରଖିବା ପରେ ମଞ୍ଚ ଉପରୁ ହିଁ ସମସ୍ତଙ୍କୁ ମୁଣ୍ଡିଆ ମାରିଥିଲେ। ତାଙ୍କର ମୁଣ୍ଡିଆ ମାରିବା ପରେ ଜନସଭାସ୍ଥଳ କରତାଳି ଓ ହୁଳହୁଳିରେ କମ୍ପି ଉଠିଥିଲା।

## ■ ରାଜ୍ୟରେ ନବୀନ ଇଞ୍ଜିନ ଓ '୫-ଟି' ଗ୍ୟାରେଣ୍ଟି ସରକାର: ନିହାର

ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଇଁନ୍ତଲାପଡ଼ିଆରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଲୋଇସିଂହା ବିଧାନସଭା ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ପାଇଁ ଭୋଟ୍ ମାଗିଥିଲେ। ଏହି ନିର୍ବାଚନୀ ସଭାରେ ପ୍ରାର୍ଥୀ ଶ୍ରୀ ବେହେରା ରାଜ୍ୟ ସରକାରଙ୍କ ଦ୍ୱାରା ଲୋଇସିଂହା ନିର୍ବାଚନମଣ୍ଡଳୀର ହୋଇଥିବା ବିକାଶ କାର୍ଯ୍ୟ ବିଷୟରେ କହିଥିଲେ। ସେ ବିଜେପିର ଡବଲ ଇଞ୍ଜିନ ସରକାରକୁ କଟାକ୍ଷ କରି ରାଜ୍ୟବାସୀଙ୍କୁ କେବଳ ନବୀନ ଇଞ୍ଜିନ ଓ '୫-ଟି' ଗ୍ୟାରେଣ୍ଟି ସରକାର ଦରକାର ବୋଲି ନିଜ ଅଭିଭାଷଣରେ କହିଥିଲେ।

## ■ ବଲାଙ୍ଗିର ବିକାଶର ଏକମାତ୍ର ସାରଥି ନବୀନ: ସୁରେନ୍ଦ୍ର ସିଂ ଭୋଇ

ବଲାଙ୍ଗିର ଜିଲ୍ଲାରେ ଚାରୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହୋଇଥିବା ନିର୍ବାଚନୀ ଜନସଭାରେ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଉପସ୍ଥିତ ରହିଥିଲେ ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜ ଭାଷଣରେ ପ୍ରଶଂସା କରିଥିଲେ। ଜିଲ୍ଲାର ବିକାଶ ଦିଗରେ ମଧ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଥିବା କହିଥିଲେ। ମେଡିକାଲ କଲେଜ, ଲୋୟର ସୁକତେଲ ଏହିଭଳି ଅନେକ କିଛି ତାଙ୍କ ଦ୍ୱାରା ହୋଇପାରିଥିବା ସେ କହିଥିଲେ। ରାଜ୍ୟରେ ବିଜେଡି ପ୍ରତି ଲୋକଙ୍କ ସମର୍ଥନ ଦେଖି ବିରୋଧି ଛାନିଆ ହୋଇଛନ୍ତି। ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସେ କହିଛନ୍ତି।



## ଲୋୟର ସୁକତେଲ ପ୍ରକଳ୍ପରୁ ବଞ୍ଚିତ ଚାଷୀଙ୍କୁ ମିଳିବ ପାଣି

ବଲାଙ୍ଗିରର ଲୋୟର ସୁକତେଲ ପ୍ରକଳ୍ପ ଲୋଇସିଂହା ନିର୍ବାଚନମଣ୍ଡଳୀରେ ନିର୍ମାଣ ହୋଇଛି। ଏହି ପ୍ରକଳ୍ପରୁ ପାଣି ପାଇବାରୁ ଲୋଇସିଂହା ଓ ଆଗଲପୁର ବ୍ଲକର ପ୍ରାୟ ୧୪ଟି ପଞ୍ଚାୟତ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ପଞ୍ଚାୟତର ଚାଷୀମାନେ ବାରମ୍ବାର ଆନ୍ଦୋଳନ କରିଆସୁଥିବା ବେଳେ ତାଙ୍କ ସମାଧାନ ପାଇଁ ଶ୍ରୀ ପାଣ୍ଡିଆନଙ୍କୁ ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଅନୁରୋଧ କରିଥିଲେ। ତେବେ ଶ୍ରୀ ପାଣ୍ଡିଆନ ଏହି ଚାଷୀମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଯୋଜନା କରାଯାଇଥିବା କହିଥିଲେ। ଖୁବଶୀଘ୍ର ଏହି ୧୪ଟି ପଞ୍ଚାୟତର ଚାଷୀମାନଙ୍କ ଜଳସେଚନ ବ୍ୟବସ୍ଥା କରିବା ପାଇଁ ମେଗା ଉଠା ଜଳସେଚନ ପ୍ରକଳ୍ପ କରାଯିବ ବୋଲି କହିଥିଲେ।









# ବିକାଶ ହିଁ ମୁଖ୍ୟମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ: ପାଣ୍ଡିଆନ

**ଟିଟିଲାଗଡ଼/ସଇଁତଲା, ୧୬।୫(ସମିସ)**

ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ପ୍ରଥମ ଥର ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ସଇଁତଲା ଠାରେ ଏକ ବିଶାଳ ସମାବେଶରେ ବିଜେଡିର ତାରାକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଦଳର ନେତାକର୍ମୀଙ୍କ ମହଲରେ ଉତ୍ସାହ ଭରିଛନ୍ତି। ହେଲିକପ୍ଟର ଯୋଗେ ପୂର୍ବାହ୍ନ୧୧ଟା୪୭ ମିନିଟରେ ସଇଁତଲା ବ୍ଲକ ଛକରବାଞ୍ଜି ଠାରେ ଶ୍ରୀ ପାଣ୍ଡିଆନ ପହଞ୍ଚିଥିବା ବେଳେ ହଜାର ହଜାର ସମର୍ଥକ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏନେଇ ଅନୁଷ୍ଠିତ ସଭାରେ ଶ୍ରୀ ପାଣ୍ଡିଆନ ସିଧାସଳଖ ବିରୋଧୀ ବିଜେପିକୁ ଟାର୍ଗେଟ କରିଛନ୍ତି। ବିଜେପି କେବଳ ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେଉନାହିଁ ସେମାନେ ସମଗ୍ର ଓଡ଼ିଶାବାସୀଙ୍କ ପ୍ରତି କୁଠାରଘାତ କରିବା ସହ ଛତିଶଗଡ଼ରୁ ବିଜେପି ନେତା ଓ ମନ୍ତ୍ରୀମାନଙ୍କୁ ଆଣି ଗୁଣ୍ଡାଗର୍ଦ୍ଦି କରିବା ସହ ଟଙ୍କା ବାଣ୍ଟି ଭୋଟ୍ କିଣିବାକୁ ଉଦ୍ୟମ କରୁଥିବା କହିଛନ୍ତି। ସେ ତାଙ୍କ ଭାଷଣରେ ମହିଳାଙ୍କ ଉତ୍ଥାନ ପାଇଁ ମିଶନ ଶକ୍ତି, ଚାଷୀଙ୍କ ପାଇଁ କାଳିଆ ଯୋଜନା, ଲକ୍ଷ୍ମୀ ବସ୍ ଯୋଜନା, ମଧୁ ବାବୁ ଭତ୍ତା, ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା, ସଇଁତଲାକୁ ଏନଏସି ମାନ୍ୟତା ପ୍ରଦାନ, ହଜାର ହଜାର କୋଟି ଟଙ୍କାର ଜଳ ସମ୍ପଦ ପ୍ରକଳ୍ପ, ତୁଷୁରାରେ ସମଲେଶ୍ୱରୀ ମନ୍ଦିର ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ୯୦ ପ୍ରତିଶତ ପରିବାରଙ୍କୁ ମାଗଣାରେ ବିଜୁଳି, ମିଶନ ଶକ୍ତି ମା'ଙ୍କୁ ୬୦ ବର୍ଷ ହେଲେ ପେନସନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟର ବିକାଶକୁ ବିରୋଧି ସହ୍ୟ କରି ପାରୁନାହାନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ବିରୁଧରେ ଅଶାଳୀନ ମନ୍ତବ୍ୟ ପ୍ରଦାନ କରୁଛନ୍ତି। ଏହାର ଉଚିତ ଜବାବ ରାଜ୍ୟବାସୀ ଦେବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ଏଥିସହ ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ଟୁକୁନି ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ।

ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଶ୍ରୀ ପାଣ୍ଡିଆନଙ୍କ ଠାରେ କୃତଜ୍ଞତା ଜ୍ଞାପନ ସହ ଏଥର ସଇଁତଲାବାସୀ ୩୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡିକୁ ଜିତାଇବେ ବୋଲି କହିଥିଲେ। ବିଧାୟକ ପ୍ରାର୍ଥୀ ଟୁକୁନି ଓଡ଼ିଶାବାସୀଙ୍କ ଜୀବନଶୈଳୀର ଉନ୍ନତି, ଭିତ୍ତିଭୂମିର ବିକାଶ, ମା'ମାନଙ୍କୁ ଘର କୋଣରୁ ବାହାର କରି ସ୍ୱାବଲମ୍ବୀ କରିବା, ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ, ଆଦିବାସୀଙ୍କ ଉନ୍ନୟନ ନେଇ ସ୍ୱତନ୍ତ୍ର ଯୋଜନା ମୁଖ୍ୟମନ୍ତ୍ରୀ ପ୍ରଣୟନ କରିଛନ୍ତି। କଥା କମ ଏବଂ କାମରେ ବିଶ୍ୱାସ କରୁଥିବା ସରଳ ବ୍ୟକ୍ତିତ୍ୱ ମୁଖ୍ୟମନ୍ତ୍ରୀ ସର୍ବଦା ଓଡ଼ିଶାବାସୀଙ୍କ ବିକାଶକୁ ଲକ୍ଷ୍ୟ ରଖି ଅନେକ ଯୋଜନା ପ୍ରଣୟନ କରିଥିବା କହିଛନ୍ତି। ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ, ଦଳର ବରିଷ୍ଠ ନେତା ସୁରେନ୍ଦ୍ର ସାହୁ, ମୁକେଶ ଜୈନ, ଲୋଟସ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଦଳର ବ୍ଲକ ସଭାପତି ଟୁନୁ ରାଜପାଲିଆ, ବ୍ଲକ ଯୁବ ସଭାପତି ବଳଭଦ୍ର ସାହୁ, ସତ୍ୟନାରାୟଣ ପଣ୍ଡା, ଶୋଭେନ ସିଂଭୋଇ, ସିମରାନ ସିଂଭୋଇ, ସୁବ୍ରତ ବେହେରା, ଆଲୋକ ବୁଢ଼େକ, ଡୋଲାମଣି ଥପା ପ୍ରମୁଖ ଉପସ୍ଥିତ ଥିଲେ। ଏହି ନିର୍ବାଚନୀ ସଭାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା।





# ହରିଶଙ୍କର ବାବାଙ୍କ ଆଶୀର୍ବାଦ ନେଲେ କାର୍ତ୍ତିକ ପାଣ୍ଡିଆନ

**ଖପ୍ରାଖୋଲ, ୧୬।୫ (ସମିସ):** ବଲାଙ୍ଗିର ଜିଲ୍ଲା ତଥା ରାଜ୍ୟର ପ୍ରମୁଖ ତୀର୍ଥସ୍ଥଳୀ ହରିଶଙ୍କରରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ଅପରାହ୍ଣରେ ହରିଶଙ୍କର ବାବାଙ୍କ ଦର୍ଶନ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ନିର୍ବାଚନୀ ପ୍ରଚାର ଜୋର୍‌ସୋର୍‌ରେ ଚାଲିଥିବା ବେଳେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ଗୁରୁବାର ନିର୍ବାଚନୀ ଗସ୍ତ ଥିବାବେଳେ ସେ ସମୟ ବାହାର କରି ହରିଶଙ୍କର ବାବାଙ୍କ ଦର୍ଶନ କରିଥିଲେ। ଏଥିସହ ମିଶନ ଶକ୍ତି କାଫେରେ କିଛି ସମୟ ବିଶ୍ରାମ କରି ପୁଣି ଫେରିଯାଇଥିଲେ। ଏହି ଗସ୍ତ ସମୟରେ ସେ ପ୍ରଥମେ ହେଲିକପ୍ଟରରୁ ଓହ୍ଲାଇ ଚାଲି ଚାଲି ଅପେକ୍ଷାରେ ଥିବା ଲୋକଙ୍କୁ ଅଭିବାଦନ କରିବା ସହ ସ୍ଥାନୀୟ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରି ହରିଶଙ୍କର ବାବାଙ୍କ ଆଶୀର୍ବାଦ ନେଇଥିଲେ। ପରେ ସେ ହରିଶଙ୍କର ସ୍ଥିତ ମିଶନ ଶକ୍ତି କାଫେରେ ଭୋଜନ ଓ ଅଳ୍ପ ସମୟ ବିଶ୍ରାମ କରି ପୁଣି ହେଲିକପ୍ଟର ଯୋଗେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଗଙ୍ଗାସାଗର ଅଭିମୁଖେ ପ୍ରସ୍ଥାନ କରିଥଲେ। ତାଙ୍କ ଏହି ଗସ୍ତରେ ପାଟଣାଗଡ଼ ବିଧାୟକ ପ୍ରାର୍ଥୀ ସରୋଜ ମେହେର, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ୍, ସୁଖିରାମ ସାଣ୍ଡ ଓ ରମେଶ ପ୍ରଧାନ ପ୍ରମୁଖ ରହିଥିଲେ। ଏହି ଗସ୍ତ ସମୟରେ ସୁରକ୍ଷା ଦୃଷ୍ଟି କୋଣରୁ ପ୍ରାୟ ୪ ପ୍ଲାଟୁନ ପୁଲିସ୍ ଫୋର୍ସ ରହିଥିବାବେଳେ ଆରକ୍ଷୀ ଅଧୀକ୍ଷକ ବଲାଙ୍ଗିର, ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୁଜାରୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଓ ବେଳପଡ଼ା ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଶଙ୍ଖ ଧ୍ୱନିରେ କମ୍ପିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ

**କଣ୍ଟାବାଞ୍ଜି, ୧୬।୫ (ସମିସ):** ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। କଣ୍ଟାବାଞ୍ଜି ସହରର ଆଲିସାନ ଖେଳପଡ଼ିଆ ଠାରେ ବିଜୁ ଜନତା ଦଳ ଏକ ବିରାଟ ଜନ ସମାବେଶ ଆୟୋଜନ କରାଯାଇଥିଲା। ହେଲିକପ୍ଟର ଯୋଗେ ଦିନ ୧୨ଟା ୩୦ ମିନିଟ ସମୟରେ ସଭାସ୍ଥଳକୁ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସିଧା ହେଲିପ୍ୟାଡରୁ ସେ ଜନସାଧାରଣଙ୍କ ପାଖକୁ ଆସି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ପରେ ମଞ୍ଚ ଉପରକୁ ଶ୍ରୀ ପାଣ୍ଡିଆନ ଯିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନାରାରେ କମ୍ପି ଉଠିଥିଲା ସଭାସ୍ଥଳ। ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ତାଙ୍କ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଆପଣଙ୍କ ବିଧାୟକ ପ୍ରାର୍ଥୀ ହୋଇଛନ୍ତି ଆପଣ ମାନେ ଖୁସି ତ ବୋଲି ପଚାରିଥିଲେ। ମୋ ଆଶା ଓ ବିଶ୍ୱାସ କଣ୍ଟାବାଞ୍ଜିରେ ମୁଖ୍ୟମନ୍ତ୍ରୀ ରେକର୍ଡ ସଂଖ୍ୟା ଭୋଟରେ ବିଜୟ ହେବେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳିର ଯେଉଁ ସମସ୍ୟା ୧୫ ବର୍ଷ ହେଲା ରହିଯାଇଛି ତାହା ମୁଖ୍ୟମନ୍ତ୍ରୀ ବିଜୟ ହେଲା ପରେ ୧୫ ମାସରେ ସମାଧାନ କରାଯିବ। କଣ୍ଟାବାଞ୍ଜି ସହରବାସୀଙ୍କ ଦୀର୍ଘ ବର୍ଷ ଦାବି ନଜୁର ଜମିରର ମଧ ସମାଧାନ ହେବ ଏବଂ ବଙ୍ଗୋମୁଣ୍ଡା ଏନଏସି ଘୋଷଣା କରାଯିବ। ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରେ ଛିଡା ହେବା କାରଣ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଶୀଘ୍ର ବିକାଶ କରିବା। ହିଞ୍ଜିଳିକାଟୁରେ ୯୫ ପ୍ରତିଶତ ଜଳ ସେଚନ କରିଛନ୍ତି ଏବଂ ସାରା ଭାରତରେ ୧ ବ୍ଲକ ହେଉଛି ହିଞ୍ଜିଳିକାଟୁ। ଏବେ କଣ୍ଟାବାଞ୍ଜିର ପାଳି ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିକୁ ମଧ ଏକ ନମ୍ବର କରିବେ। ମୁଖ୍ୟମନ୍ତ୍ରୀ ବିଜୟ ହେଲେ ଜଳ ସେଚନ କାମ କରିବା, ଶିକ୍ଷା ବିଭାଗ ଉନ୍ନତି ପାଇଁ କାମ କରିବା, ରୋଜଗାର ବଢ଼ାଇବାକୁ କାମ କରିବା, ସବୁ କ୍ଷେତ୍ରରେ କାମ କରିବା ଏଇଟା ଆପଣମାନଙ୍କ ସରକାର। ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପରେ ପ୍ରଥମ ବିଜୁଳି ବିଲ୍ ଛାଡ କରାଯିବ, ଏହା ଦ୍ୱାରା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ୯୫ ପ୍ରତିଶତ ପରିବାର ଉପକୃତ ହେବେ। ଯେଉଁମାନେ ବିଜୁ ସ୍ମାର୍ଟ କାର୍ଡରୁ ବଞ୍ଚିତ ସେମାନଙ୍କୁ ନବୀନ କାର୍ଡ ପ୍ରଦାନ କରାଯିବ, ମିଶନ ଶକ୍ତି ମା' ମାନଙ୍କ ବହୁତ ଦିନ ଦାବି ୬୦ ବର୍ଷ ପରେ ମିଶନ ଶକ୍ତି ମାନଙ୍କୁ ପେନସନ ଦିଆଯିବ। ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ ସେ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ଅନ୍ୟମାନେ ଆସିବେ ବଡ଼ବଡ଼ କଥା କହିବେ ଚାଲିଯିବେ। ବିଜେପିର ନେତା ୨୦୧୪ରେ କହିଥିଲେ ଆମେ ଆସିଲେ ଦରଦାମ କମାଇବୁ ଦର ଦାମ କମିଲା କି ବୋଲି ପ୍ରଶ୍ନ କରିଥିଲେ। ପେଟ୍ରୋଲ, ଡିଜେଲ ଓ ଏଲପିଜି ସିଲିଣ୍ଡର ଦାମ କମିଲା କି ବୋଲି ପ୍ରଶ୍ନ କରିଥିଲେ। ଆସନ୍ତା ୨୦ ତାରିଖ ହେବାକୁ ଥିବା ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ଆଶୀର୍ବାଦ କରିବାକୁ କହିବା ସହ ବିରୋଧୀ ଉପରେ ବର୍ଷିଥିଲେ ଶ୍ରୀ ପାଣ୍ଡିଆନ। ଶଙ୍ଖ ଧ୍ୱନିରେ କମ୍ପି ଉଠିଥିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ। ରାଜ୍ୟସଭା ସାଂସଦ ସୁଜିତ କୁମାର, କଣ୍ଟାବାଞ୍ଜି ବିଜେଡି ମୁଖ୍ୟ ନିର୍ବାଚନ ସଂଯୋଜକ ଭୂପିନ୍ଦର ସିଂ, ପର୍ଯ୍ୟବେକ୍ଷକ ଦୁର୍ଗାସାମନ୍ତ ରାୟ, ମଣ୍ଟୁ ନାଏକ, ପ୍ରଶାନ୍ତ ସେଠୀ, ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଆୟୁବ ଖାଁନ, ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂହ ମାଝି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାନ, ବିଜେଡି ନେତା ଅମଜତ ଖାଁନ, ରାଜ୍ୟ ଯୁବ ସମ୍ପାଦକ ଅଜିତ ଯୋଶୀ, ବିଜେଡି ନେତ୍ରୀ ନିରୁପମା ମାଝୀ, ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଲ ବେହେରା, ତୁରେକେଲା ବ୍ଲକ ଅଧ୍ୟକ୍ଷା ପୂଜା ବେହେରାଙ୍କ ଶହ ଏକାଧିକ ସରପଞ୍ଚ, ସମିତିସଭ୍ୟ ଓ ହଜାର ହଜାର ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# ସିବିଏସ୍‌ଇ ଦ୍ୱାଦଶରେ ତରଭା ନବୋଦୟର ସଫଳତା






**ତରଭା, ୧୬।୫(ସମିସ):** ସିବିଏସଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ତରଭା ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଠାରେ ସଫଳତା ହାର ଶହେ ପ୍ରତିଶତ ରହିଛି। ଦ୍ୱାଦଶ ଶ୍ରେଣୀ ପାଇଁ ପରୀକ୍ଷା ଦେଇଥିବା ୧୩ଜଣ ଛାତ୍ରୀ ଓ ୨୯ଜଣ ଛାତ୍ର ମଧ୍ୟରୁ ୪ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁବଳୟା ନିବାସୀ ଅନନ୍ତ ନାରାୟଣ ମେହେର ଓ ବନ୍ଦିତା ମେହେରଙ୍କ ସୁପୁତ୍ରୀ ସୌମ୍ୟପ୍ରିୟା ମେହେର ୯୭ ପ୍ରତିଶତ ନମ୍ବର ରଖି ତରଭା ବ୍ଲକ ଟପ୍ପର ହୋଇଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ନିବାସୀ ସୁରେଶ ବାରିକ ଓ ସଙ୍ଗୀତା ବାରିକଙ୍କ ପୁଅ କ୍ରିଷ୍ଣା ବାରିକ ୯୨.୮୦ ପ୍ରତିଶତ ନମ୍ବର ଆଣି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଭାରତୀୟ ସେନାରେ ଡାକ୍ତର ହୋଇ ଦେଶର ସେବା କରିବା ଲକ୍ଷ୍ୟ ରଖିଛନ୍ତି। ତରଭା ବ୍ଲକ ସିଂହାରୀ ପଞ୍ଚାୟତ ଅର୍ଡ଼ା ନିବାସୀ ଅଭିମନ୍ୟୁ ସାହୁ ଓ ରିତାଞ୍ଜଳି ସାହୁଙ୍କ ପୁଅ ସମୀର ସାହୁ ୯୧ ପ୍ରତିଶତ ମାର୍କ ରଖି ବୈଜ୍ଞାନିକ ହେବାକୁ ଚାହୁଁଛନ୍ତି। ୯୦.୮୦ ପ୍ରତିଶତ ନମ୍ବର ଆଣିଥିବା ବିଏମପୁର ନିବାସୀ ଗିରିଧାରୀ ହୋତା ଓ ସୁଦେଷ୍ଣା ମିଶ୍ରଙ୍କ ପୁଅ ପ୍ରୀତମ ପ୍ରିୟଦର୍ଶୀ ମିଶ୍ର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବିଦ୍ୟାଳୟରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ୪ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ଆଣିଥିବା ବେଳେ ୧୪ ଜଣ ୮୦ ପ୍ରତିଶତ ଓ ୨୪ ଜଣ ୬୫ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।



## ମଦ କାରବାରରେ ଜଣେ ଗିରଫ

**ଶଗଡ଼ା, ୧୬।୫(ସମିସ):** କଣ୍ଟାମାଳ ଥାନା ଶିମିଳିଜୋରା ଜଙ୍ଗଲ ନିକଟରୁ ପୁଲିସ ୧୨୮.୯୬୦ ଲିଟର ବିୟର ଜବତ କରିଛି। ଏହି ଘଟଣାରେ ପୁଲିସ ଶିମିଳିଜୋରା ଗ୍ରାମର ନୀଳାଚଳ ଘିବିଲା (୩୩)କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ଦୀର୍ଘଦିନର ବିବାଦ ସମାଧାନ କରିପାରୁନି ପ୍ରଶାସନ

# ଗୁଦଗୁଦା ଗାଁକୁ ବାଟ ବନ୍ଦ

**ସୁବଳୟା, ୧୬।୫(ସମିସ)**




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅମରପାଲି-ଗୁଦଗୁଦା ଓ ଝାରବନ୍ଧ ପଟୁ ପୂର୍ତ୍ତ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମାଣାଧୀନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଛନ୍ତି। ଏହା ଫଳରେ ଏକ ମାସ ହେଲା ଗୁଦଗୁଦା ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଗ୍ରାମର ଲୋକେ ବାହାରକୁ ଯିବା ଆସିବା କରି ପାରୁନାହାନ୍ତି।

ଅମରପାଲି ପୂର୍ତ୍ତ ବିଭାଗର ରାସ୍ତାଠାରୁ ଗୁଦଗୁଦା, କୁଆଖୋଲ ଦେଇ ଲୋକେ ରେଢ଼ାଖୋଲ ଯାଇଥାନ୍ତି। ଦୀର୍ଘ ଦିନର ଦାବି ପରେ ଗ୍ରାମକୁ ଏବେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ପାଇଁ ପୋଲ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ରହିଛି। ତେବେ ଗତ ୨୭ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଓ ଗୁଦଗୁଦାର ଜଣେ ବ୍ୟକ୍ତି ଏହି ରାସ୍ତା ମଝିରେ ବାଡ ଦେଇ ଅବରୋଧ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି ଅଛି। ତେଣୁ ସେମାନେ ବାଡ ଦେଇଛନ୍ତି। କିଛି ବର୍ଷ ପୂର୍ବରୁ ମଧ୍ୟ ସେମାନେ ଏହି ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ; ମାତ୍ର ସେହି ସମୟରେ ଆଲୋଚନା କରି ରାସ୍ତା ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ରାସ୍ତା ନିର୍ମାଣ

- ରାସ୍ତାରେ ସ୍ଥିତିବାନ ଜମି ଥିବା ଦାବି କରି ୨ ଜଣ ବ୍ୟକ୍ତି ବାଡ଼ ଦେଇଛନ୍ତି
- ଗାଁକୁ କୌଣସି ଗାଡ଼ିମଟର ଯିବା ଆସିବା କରିପାରୁନି
- ଆବଶ୍ୟକବେଳେ ଆମ୍ବୁଲାନ୍ସ ମଧ୍ୟ ପଶିପାରୁନି
- ପ୍ରଚାର ଲାଗି ନେତା ବି ଗାଁକୁ ଯାଇପାରୁନାହାନ୍ତି
- ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ହେଉଥିବା ବେଳେ ଗତ ମାର୍ଚ୍ଚ ୨୬ ତାରିଖରେ ପୁଣି ରାସ୍ତା ଅବରୋଧ କରିଥିଲେ। ଏ ନେଇ ଗତ ମାର୍ଚ୍ଚ ୨୭ ତାରିଖରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମରେ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳକୁ ଆସି ରାସ୍ତାର ଜମି ଚିହ୍ନଟ କରିଥିଲେ। ତେବେ ସେହି ସମୟରେ ଗ୍ରାମବାସୀଙ୍କ ଆଲୋଚନାର ଦୁଇ ଦିନ ପରେ ରାସ୍ତା ଅବରୋଧ ହଟାଇ ଦିଆ ଯାଇଥିଲା; ମାତ୍ର ଏବେ ପୁଣି ଅପ୍ରେଲ ୨୮ ତାରିଖରେ ସେହି ବ୍ୟକ୍ତିମାନେ ରାସ୍ତାରେ ବାଡ ଦେଇ ଅବରୋଧ କରିଛନ୍ତି। ଏହା ଫଳରେ ଗ୍ରାମକୁ ଏବେ କୌଣସି ଗାଡ଼ି ମଟର ଯାତାୟାତ କରି ପାରୁନି। ଏପରିକି ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁ ନାହାଁନ୍ତି। ନିର୍ବାଚନ ପ୍ରଚାର ପାଇଁ କୌଣସି ଗାଡି କି ନେତା ମଧ୍ୟ ଗୁଦଗୁଦା ଗାଁକୁ ଯାଉନାହାନ୍ତି। ଏହି ରାସ୍ତା ଦେଇ ଅମରପାଲି, ଗୌଡଗାଡ, ବହଳପଦର ଓ ବୀରମହାରାଜପୁର ଅଞ୍ଚଳର ଲୋକେ ଚାରମାଲ, ରେଢାଖୋଲ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। ରେଢ଼ାଖୋଲ ବ୍ଲକର ଗରଗଡ଼ବାହାଲ, କୁଆଖୋଲ, ବଦନତୈଲା, ଡଙ୍ଗାପଥର, ତେଲିଘଣା ଆଦି ଗ୍ରାମର ଲୋକେ ପ୍ରତ୍ୟେକ କାମ ପାଇଁ ବୀରମହାରାଜପୁର ବଜାର ଉପରେ ନିର୍ଭର କରନ୍ତି। ଏବେ ଯାତାୟତ ହୋଇ ପାରୁ ନ ଥିବାରୁ ସମସ୍ତେ ଅସୁବିଧାରେ ଅଛନ୍ତି। ଉକ୍ତ ଗ୍ରାମକୁ ଯିବାପାଇଁ ଉକ୍ତ ରାସ୍ତାର ଅବରୋଧ ହଟାଇବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଏ ନେଇ ବୀରମହାରାଜପୁର ତହସିଲଦାର ପୁନମ ମହାପାତ୍ରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ ନିର୍ବାଚନ କାମରେ ବ୍ୟସ୍ତଥିବାରୁ କିଛି ଜାଣି ନ ଥିବା କହିଥିଲେ। ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂଙ୍କୁ ଫୋନ୍ ଯୋଗେ ପଚାରିବାରୁ ତହସିଲଦାରଙ୍କୁ ଜଣାଇ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ତେବେ ଯଦି ଏହି ରାସ୍ତା ଅବରୋଧ ହଟା ନ ଯାଏ ତେବେ ଗ୍ରାମବାସୀ ଆସନ୍ତା ୨୦ ତାରିଖ ଭୋଟ ବର୍ଜନ କରବେ ବୋଲି ଚେତାବନୀ ଦେଇଛନ୍ତି।

# ଖୁଣ୍ଟବନ୍ଧ ପଞ୍ଚାୟତରେ ପ୍ରଦୀପ ଅମାତଙ୍କ ପ୍ରଚାର

**ବୌଦ୍ଧ, ୧୬।୫(ସମିସ):** ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୦ ତାରିଖରେ ନିର୍ବାଚନ ହେବ। ଏଥିଲାଗି ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରଚାର ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଖୁଣ୍ଟବନ୍ଧ ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରା ସହ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଦୀପ ଅମାତ ପ୍ରଚାର ଜୋରଦାର କରିଛନ୍ତି। ଏହି ଶୋଭାଯାତ୍ରା ମର୍ଯ୍ୟାଦାପୁର ଛକରୁ ଆରମ୍ଭ ହୋଇ ଗୋବିନ୍ଦପୁର, ତାଳପଦର, ପୋଲାମ, ମଧୁପୁର, ଖୁଣ୍ଟବନ୍ଧ, ଶରଧାପୁର, ଚଣ୍ଡିଗଡ଼, ବେଦେରୀପାଲି, ବାଲିଦୋହଲି, ବ୍ରହ୍ମଚାରି, ବୁରକଟା, ଜହ୍ନାପଙ୍କ ପରିକ୍ରମା କରିଥିଲା। ଜହ୍ନାପଙ୍କରେ ଶ୍ରୀ ଅମାତଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ଅମାତ ମହିଳା ନମଗୁରୁ କୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଖୁଣ୍ଟବନ୍ଧ ସରପଞ୍ଚ ଟୁନି ମହାନନ୍ଦିଆ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଲ, ପେକ୍ସ ସଭାପତି ରାଜ କିଶୋର ଦେହୁରୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ମାରୁତି ଯୁବକ ସଂଘର ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଜଗଦୀଶ ବାରିକଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।



# ଶଙ୍ଖଧ୍ୱନିରେ କମ୍ପୁଛି ଗାଁ




**ସୋନପୁର, ୧୬।୫(ସମିସ):** ଆଉ ୩ ଦିନ ପରେ ଭୋଟ ବାକ୍ସରେ ବନ୍ଦ ହେବ ନେତାଙ୍କ ଭାଗ୍ୟ। ହାତରେ ଆଉ କମ୍ ସମୟ। ତେଣୁ ଏବେ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ପ୍ରାର୍ଥୀ ନିଜ ନିଜ ପ୍ରଚାରକୁ ଜୋରଦାର କରିବା ସହ ମତଦାତାଙ୍କ ହୃଦୟ ଜିଣିବା ପ୍ରୟାସରେ ଲାଗି ପଡ଼ିଛନ୍ତି। ସମସ୍ତ ରାଜନୈତିକ ଦଳର ନେତା ଗ୍ରାମାଞ୍ଚଳର ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଗାଁ ଗାଁ ବୁଲୁଛନ୍ତି। ତେବେ ବିଜୁ ଜନତା ଦଳର ଉଭୟ ବିଧାୟକ ପ୍ରାର୍ଥୀ ଏବଂ ସାଂସଦ ପ୍ରାର୍ଥୀ ଜୋରଦାର୍ ନିର୍ବାଚନ ପ୍ରଚାର କରୁଛନ୍ତି। ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ସୋନପୁର ବିଧାନସଭା ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଝାରୀ ଗାଁକୁ ଗାଁ ବୁଲି ଲୋକଙ୍କୁ ଭୋଟ୍ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ସୋନପୁର ବିଧାନସଭା ଅଧୀନରେ ସୋନପୁର ଏବଂ ତରଭା ଦୁଇଟି ସହରାଞ୍ଚଳ ରହିଥିବା ବେଳେ ସୋନପୁର, ତରଭା ଏବଂ ଡୁଙ୍ଗୁରିପାଲି ବ୍ଲକ ଅଧୀନ ହଜାର ହଜାର ଗାଁ ରହିଛି।

ସହରାଞ୍ଚଳର ମତଦାତା ଅପେକ୍ଷା ଗ୍ରାମାଞ୍ଚଳରେ ବହୁ ମତଦାତା ବସବାସ କରୁଥିବାରୁ ଗାଁଗୁଡିକ ଉପରେ ଅଧିକ ସମୟ ଦେଉଛନ୍ତି। ନିରଞ୍ଜନ ଗାଁକୁ ଗାଁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବିଜେଡିର ଇସ୍ତାହାର ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଭୋଟ୍ ଭିକ୍ଷା କରୁଛନ୍ତି। ବିଭିନ୍ନ ବ୍ଲକ ଅଞ୍ଚଳରେ ପ୍ରଚାର ବେଳେ ଅନ୍ୟ ରାଜନୈତିକ ଦଳର କର୍ମୀ ଏବଂ ନେତା ବିଜେଡିରେ ସାମିଲ ହେଉଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ମଧ୍ୟ ଅକ୍ଳାନ୍ତ ପରିଶ୍ରମ କରି ବିଜେଡିର ଇସ୍ତାହାରପତ୍ରକୁ ନେଇ ଗାଁ ଗାଁ ଯାଉଛନ୍ତି।

ବିନିକା ସହରାଞ୍ଚଳ ତଥା ବିନିକା, ବୀରମହାରାଜପୁର ଏବଂ ଉଲୁଣ୍ଡାର ବିଭିନ୍ନ ଗାଁ ବୁଲି ସେ ନିଜ ସପକ୍ଷରେ ଭୋଟ ପ୍ରଚାର କରୁଛନ୍ତି। ତେବେ ବିଭିନ୍ନ ସ୍ଥାନରେ ବିଜେଡିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ ମଧ ପଦ୍ମନାଭ ବେହେରାଙ୍କ ସହ ମିଶି ଭୋଟ୍ ଭିକ୍ଷା କରୁଛନ୍ତି। ବିଭିନ୍ନ ନିର୍ବାଚନୀ ଗୀତରେ ଗାଁ ଦାଣ୍ଡ ଉଠୁଛି ପଡୁଛି।

## ଭାରତୀ ସାଗରରେ ବୁଡି ମହିଳାଙ୍କ ମୃତ୍ୟୁ

**ତରଭା, ୧୬।୫(ସମିସ):** ତରଭା ଥାନା ମେଣ୍ଡା ଗ୍ରାମର ଜଣେ ମହିଳାଙ୍କ ପାଣିରେ ବୁଡିଯିବାରୁ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ମେଣ୍ଡାର ପବନ କୁମୁରିଆଙ୍କ ପତ୍ନୀ ବିନୋଦିନୀ କୁମୁରିଆ (୫୦)। ଗୁରୁବାର ସକାଳେ ସେ ଗାଧୋଇବା ଲାଗି ଭାରତୀ ସାଗରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଭାରତୀ ସାଗରକୁ ଯାଇ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପାଣି ଭିତରୁଙ୍କୁ ଉଦ୍ଧାର କରି ନିକଟସ୍ଥ ନାଇକେନପାଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମେଣ୍ଡା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ। ପୁଲିସ ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ କେଶ୍ ରୁଜୁ କରିଛି। ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁ ତଦନ୍ତ ଦାୟିତ୍ୱ ନେଇଛନ୍ତି।

## ପ୍ରଧାନପାଲି ନାମଯଜ୍ଞ ଉଦ୍‌ଯାପିତ

**ପଲଶାଗୋରା, ୧୬।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ପ୍ରଧାନପାଲି (ବଉଲସିଙ୍ଗା)ରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ଯଜ୍ଞ ଆରମ୍ଭରେ ନିକଟସ୍ଥ ମେହେରୁଣୀ ନଦୀରୁ ଏକ କଳସ ଶୋଭାଯାତ୍ରା ବହାରିଥିଲା। ଯଜ୍ଞରେ ସତ୍ୟନାରାୟଣ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଶାନ୍ତି ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ହରି ବିଶି ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ କୁଲୁ ଦନ୍ତା, ନବଘନ ଦନ୍ତା, ଘନଶ୍ୟାମ ପ୍ରଧାନ, ଦଲାର ପ୍ରଧାନ, ଚୈତ୍ୟନ୍ୟ ପ୍ରଧାନ, ବନମାଳି ଦନ୍ତା, ଦୁର୍ଯ୍ୟୋଧନ ଦନ୍ତା, ନୀର ପ୍ରଧାନ, ଶରତ ପ୍ରଧାନ, ହୃଷିକେଶ ପ୍ରଧାନ, ପ୍ରତାପ ପ୍ରଧାନ, ରଞ୍ଜିତ ପ୍ରଧାନ, ଡୋଲେଶ୍ୱର୍ ପ୍ରଧାନ, ଫିରୋଜ ପ୍ରଧାନ, ଜିତେନ୍ଦ୍ର ଖେତି, ମିଳନ ପ୍ରଧାନ, ଅନିଲ ପ୍ରଧାନ, ଦୁର୍ଯ୍ୟୋଧନ କ୍ଷେତି, ପପୁନ କଲତା, ପ୍ରକାଶ ପ୍ରଧାନ, ରାଜେଶ୍ୱର୍ ଦନ୍ତା, ବିକ୍ରମ ପ୍ରଧାନ ବୈକୁଣ୍ଠ ପ୍ରଧାନ ବିଭିନ୍ନ ଦାୟିତ୍ୱ ତୁଲାଇ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ

**ବୌଦ୍ଧ, ୧୬।୫(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମ କେନ୍ଦ୍ରରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ବି.କେ. ଆର.ସି ଦେଓ ହେମ୍ବ୍ରମ, ଜିଲ୍ଲା ଶିକ୍ଷାଧିକାରୀ ଗେହ୍ରା କୁଜୁର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ ମହାପାତ୍ର ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମକୁ ଡା. ମଦନ ମୋହନ ପ୍ରଧାନ ପରିଚାଳନା କରିଥିଲେ। ଡେଙ୍ଗୁ ଦୂର କରିବା ପାଇଁ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରାଯିବା ସହ ସମସ୍ତେ ବ୍ୟକ୍ତିଗତ ସ୍ତରରେ ସଚେତନ ହେବା ସହ ପାଖ ପଡ଼ିଶାରେ ମଧ ସଚେତନ କରାଇବା ପାଇଁ ଡା. ପ୍ରଧାନ ପରାମର୍ଶ ଦେଇଥିଲେ। ଡେଙ୍ଗୁ ମଶାର ବଂଶବିସ୍ତାରକୁ ରୋକିବା ପାଇଁ କୌଣସି ଜାଗାରେ ପାଣି ଜମିବା ପାଇଁ ନ ଦେବା, ସପ୍ତାହରେ ଦିନେ ଶୁଷ୍କ ଦିବସ ପାଳିବା ଅର୍ଥାତ କୌଣସି ଜାଗାରେ ପାଣି ଜମିବାକୁ ନ ଦେବା ଏବଂ ଜମିଥିବା ପାଣି ସଫା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଶପଥ ନେବାକୁ ସଚେତନ କରାଯାଇଥିଲା। ସମସ୍ତ ଅଧିକାରୀ, ଆଶାକର୍ମୀ, ଏଏନ୍‌ଏମ୍ ଛାତ୍ରୀ, ସଫେଇ କର୍ମୀ ଓ ସୁପରଭାଇଜର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପାନୀୟ ଜଳ ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି

**ବୌଦ୍ଧ, ୧୬।୫(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣୀ ପଞ୍ଚାୟତର ଡିମିରିପାଲି ଗ୍ରାମର ହରିଜନ ସାହିର ମହିଳାମାନେ ପାନୀୟ ଜଳ ସମସ୍ୟା ନେଇ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ସରକାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଇବା ପାଇଁ ପାଇପ୍ ବିଛାଇ ପ୍ରତ୍ୟେକ ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରିଛନ୍ତି। ଡିମିରିପାଲି ଗ୍ରାମରେ ମଧ୍ୟ ପାଇପ୍ ବିଛା କାର୍ଯ୍ୟ ସରିଛି; କିନ୍ତୁ



ସମ୍ପୃକ୍ତ ଠିକାଦାର ଏହି ସାହିରେ ହରିଜନ ଲୋକେ ବାସ କରୁଥିବାରୁ ଷ୍ଟାଣ୍ଡପୋଷ୍ଟ ବସାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ସରକାରଙ୍କ ଜନହିତକର କାର୍ଯ୍ୟର ସୁଫଳ ପାଇବାରୁ ଏହି ସାହି ବାସିନ୍ଦା ବଞ୍ଚିତ ହୋଇଛନ୍ତି। ତେଣୁ ସେମାନେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ଭେଟି ସମସ୍ୟା ନେଇ ଅବଗତ କରିଛନ୍ତି। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଆଶ୍ୱାସନା ଦେଇଛନ୍ତି।

## ବିଜେପି ପ୍ରାର୍ଥୀଙ୍କ ଲାଗି ଭୋଟ୍ ମାଗିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

**ସୋନପୁର, ୧୬।୫(ସମିସ):** ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଦିନିକିଆ ନିର୍ବାଚନ ପ୍ରଚାରରେ ଆସିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ଉଲୁଣ୍ଡା କଲେଜ ପଡ଼ିଆରେ ଗୁରୁବାର ସେ ବିଜେପିର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ବିଜେପି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏକ ବିକଶିତ ଭାରତ ସହ ବିକଶିତ ଓଡ଼ିଶା ପାଇଁ ଲୋକସଭା ଏବଂ ବିଧାନସଭାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ସଙ୍ଗୀତା ସିଂହଦେଓଙ୍କ ପରିଚାଳନାରେ ଅନୁଷ୍ଠିତ ନିର୍ବାଚନୀ ସମାବେଶରେ ବୀରମହାରାଜପୁର ବିଧାନସଭାର ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲା ଦଳର ଇସ୍ତାହାର ନେଇ ଅଭିଭାଷଣ ରଖିଥିଲେ।

## ପାଦ ଥକିନି କି ରଙ୍ଗ ବୋଳିବାର ନିଶା ଯାଇନି

# ଆଜି ବି ଭୀମ, ଲୋକନାଥଙ୍କୁ ଖୋଜାପଡୁଛି



**ସୋନପୁର, ୧୬।୫(ସମିସ)**

କଳାକାର ପାଇଁ ବୟସ କେବଳ ଏକ ସଂଖ୍ୟା ମାତ୍ର। କଳାକାରଟିଏ କେବେ ବୁଢା ହୁଏ ନାହିଁ। ବୟସର ଅପରାହ୍ନରେ ବି ରଙ୍ଗ ମାଖିବାର ନିଶା ଯାଇନି। ମୁହଁରେ ରଙ୍ଗ ବୋଳି ପାଦରେ ଘୁଙ୍ଗୁର ବାନ୍ଧିଦେଲେ ନାଚରେ ରାତି କଟିଯାଏ। ଜିଲ୍ଲାରେ ବହୁ ଯୁବ କଳାକାର ଥିଲେ ବି ଲୋକନାଥ ଏବଂ ଭୀମଙ୍କ ଚାହିଦା କମିନାହିଁ। ସୁବର୍ଣ୍ଣପୁର ଜିଲ୍ଲାର ଏହି ଦୁଇ କଳାକାରଙ୍କ ବୟସ ୬୫ରୁ ଅଧିକ। ତେବେ ଉଭୟ କେବେ ଥକି ନାହାନ୍ତି। ଏବେ ବି ସେମାନେ ଗାଁ ଗାଁ ବୁଲି ବୀଣାକାର, ଶବର ଶବରୁଣୀ, ପାଲା, ଦାଶକାଠିଆ ଆଦି ନୃତ୍ୟ କରୁଛନ୍ତି। ଏହି ବୟସରେ ସାଧାରଣତଃ ଲୋକେ ଘରେ ବିଶ୍ରମା ନେଇଥାନ୍ତି। ତେବେ ସୁବର୍ଣ୍ଣପୁର ଜିଲ୍ଲାର ଲୋକନାଥ ଏବଂ ଭୀମଙ୍କ ଭାଷାରେ କଳାକାରକୁ କେବେ ବାର୍ଦ୍ଧକ୍ୟ ଛୁଇଁ ପାରେ ନାହିଁ। ବୟସ ଯେତେ ହୋଇଥାଉ ପଛେ କଳାକାରର ପାଦ ଥକି ଯାଏନାହିଁ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଯୁଧିଷ୍ଠିରପୁର ଗାଁର ଭୀମ ପଧାନ। ବୟସ ୭୦ ବର୍ଷ। ଦଣ୍ଡ, ଦାସକାଠିଆ କିମ୍ବା ପାଲା ପାଇଁ ଯେଉଁ ଗାଁରୁ ଭୀମଙ୍କୁ ଡାକରା ହେଉ ସେ ଥୟ ଧରି ପାରନ୍ତି ନାହିଁ। ତାଙ୍କ ମୁଣି ଧରିଲେ ମାନେ ଆଉ ତାଙ୍କୁ ଘରେ ରଖି ହୁଏ ନାହିଁ। ସରକାରଙ୍କ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ମଧ ସେ ଅଭିନୟ କରନ୍ତି। ପୂର୍ବରୁ ଅଞ୍ଚଳର ଅତିପ୍ରିୟ ଲୋକନୃତ୍ୟ ଦଣ୍ଡନାଚରେ ବୀଣାକାର, ଶବର ଆଦି ଭୂମିକା ନିଭାଇ ସେ ଖୁବ୍ ଖ୍ୟାତି ସାଉଁଟି ଥିଲେ। ସେତେବେଳେ ଭଲ ରୋଜଗାର ମଧ୍ୟ ହେଉଥିଲା। ଯୁବାବସ୍ଥାରୁ ଏଯାଏଁ ଭୀମ ତାଙ୍କ ଅଭିନୟର ଯାଦୁ ଦେଖାଇ ଆସୁଛନ୍ତି।

ସେହିପରି ଅନ୍ୟଜଣେ କଳାକାର ହେଲେ ବୀରମହାରାଜପୁର ବ୍ଲକ ଅଧୀନ ଘିଚାପାଲି ଗାଁର ଲୋକନାଥ ଗୁରୁ। ବୟସ ୬୭ ହେଲେ ମଧ୍ୟ ଲୋକନାଥଙ୍କ ହସ ହସ ମୁଖ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥାଏ। ଅଞ୍ଚଳରେ ଲୋକନାଥ ଗୁରୁ ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଲୋକନାଥ କୁହନ୍ତି କଳାକାର ରଙ୍ଗ ନ ମାଖିଲେ ତାର ମନ ଥୟ ଧରେ ନାହିଁ। ସେ ଦଣ୍ଡନାଚର ଯେଉଁ ଚରିତ୍ରର ଗୀତ କହିଲେ ତତ୍‌କ୍ଷଣାତ ଗାଇ ପାରନ୍ତି। ମହାନଦୀ ସାହିତ୍ୟ ସଂସଦର ବୀଣାକାର ଏବଂ ଶବର ଶବରେନ୍ ନୃତ୍ୟ ଦଳ ସହ ସାରା ଦେଶ ବୁଲି ଗୀତ ଗାଇ ଲୋକନାଥ ସୁନାମ ଅର୍ଜନ କରିଛନ୍ତି। ତେବେ ଅଭିନୟ ଯୋଗୁଁ ହିଁ ଆମ୍ତୃପ୍ତି ମିଳିଥାଏ ବୋଲି ଉଭୟ କଳାକାର କହିଛନ୍ତି।

